# କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ

## ଏଚ୍ଆର୍ କନ୍‌କ୍ଲେଭ୍ 'ଆଇକେଏଆଇ'

ଭୁବନେଶ୍ୱର,୬।୫(ବ୍ୟୁରୋ)

ପରିବର୍ତ୍ତିତ ଦୁନିଆରେ ବ୍ୟାବସାୟଗୁଡ଼ିକୁ ପ୍ରାସଙ୍ଗିକ ରହିବା ପାଇଁ ନୂତନ ମାନବସମ୍ବଳ ଧାରା ସହ ଜଡ଼ିତ ହେବାକୁ ପଡ଼ିବ। ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ବିଭିନ୍ନ କ୍ଷେତ୍ରର ସଂଗଠନଗୁଡ଼ିକ କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦେବା ଉଚିତ। ଡାଇଭର୍ସିଅସ୍ ଓ ପିଏନ୍‌ଭି ଫାଉଣ୍ଡେଶନ ପକ୍ଷରୁ ଶନିବାର ସ୍ଥାନୀୟ ଏକ ହୋଟେଲରେ ଏଚ୍ଆର୍ କନକ୍ଲେଭ 'ଆଇକେଏଆଇ'ରେ ଯୋଗ ଦେଇଥିବା ବିଶେଷଜ୍ଞ ଓ ବକ୍ତାମାନେ ଏହା କହିଛନ୍ତି। ଏଥିସହ କର୍ପୋରେଟ୍ ଦୁନିଆକୁ ଅଧିକ ଅନ୍ତର୍ଭୁକ୍ତୀକରଣ କରିବା ପାଇଁ କାର୍ଯ୍ୟକ୍ଷେତ୍ରରେ ବିବିଧତାର ଆହ୍ୱାନ ଦେଇଛନ୍ତି। ଡାଇଭର୍ସିଅସ୍‌ର ପ୍ରତିଷ୍ଠାତା ଅର୍ଚ୍ଚନା ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଆକ୍ସିସ ଟ୍ରଷ୍ଟି ସର୍ଭିସେସ୍‌ର ଏମଡି ଦୀପା ରଥ, ସମ୍ମାନିତ ଅତିଥି ସମିଟ୍ ଡିଜିଟାଲର ସିଏଚ୍ଆରଓ ରେଣୁକା ଗୌଡ, ଫ୍ରିଲ୍ୟାଡ୍ ନୋବେଲ ଭେଞ୍ଚର୍ସର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ସତ୍ୟବ୍ରତ ସାନୁ ରଥ ପ୍ରମୁଖ ଯୋଗ ଦେଇଥିଲେ। ଏହି କନ୍‌କ୍ଲେଭରେ ୧୦୦ରୁ ଅଧିକ ଏଚ୍ଆର୍‌ଙ୍କ ପାଇଁ ଏକତ୍ରିତ ହେବା ଓ ପରସ୍ପରଠାରୁ ଶିଖିବା ଏବଂ ସାଂଗଠନିକ ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ନୂଆ ବିଚାରଧାରା, ରଣନୀତିଗୁଡ଼ିକ ସହ ଫେରିବା ପାଇଁ ଏକ ଅତୁଳନୀୟ ସୁଯୋଗ ସୃଷ୍ଟି କରିଥିଲା।



ଏଚ୍ଆର୍ କନ୍‌କ୍ଲେଭ୍ 'ଆଇକେଏଆଇ'ରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।